# ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ ସୁବର୍ଣ୍ଣପୁର

ନୋଟିସ୍ ନଂ........୫୪୨........./                ତା. 12-03-2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧିନସ୍ଥ ବ୍ଲକଛକ, ବ୍ଲକ କଲୋନି ପାର୍ଶ୍ୱରେ ନିର୍ମିତ ହୋଇଥିବା ୮ ଗୋଟି ଷ୍ଟଲ ମଧ୍ୟରୁ ୩ ଗୋଟି ଦୋକାନ ଗୃହ ଜଉମୁଦ ଟେଣ୍ଡର ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ଷ୍ଟଲ ମୂଲ୍ୟର ୫୦% ବ୍ୟାଙ୍କ ଡ୍ରାଫ୍ଟ ଆକାରରେ **Executive Officer, Subarnapur Municipality**ଙ୍କ ନାମରେ ଜମାଦେବେ । ତା.୧୯.୦୩.୨୦୨୦ ଅପରାହ୍ନ ୫.୦୦ଘ ସୁଦ୍ଧା ଜଉମୁଦ ଟେଣ୍ଡର Regd. Post/ Courier/Speed Post କିମ୍ବା Tender Box ରେ କାର୍ଯ୍ୟାଳୟରେ ଦାଖଲ କରିବେ । ତା.୨୦.୦୩.୨୦୨୦ ଦିବା ୧୧.୦୦ଘ ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଜଉମୁଦ ଟେଣ୍ଡର ଖୋଲାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନରେ ଦିଆଗଲା । ପ୍ରକାଶଥାଉକି ଜଉମୁଦ ଟେଣ୍ଡର ଧାର୍ଯ୍ୟ ମୂଲ୍ୟ ଉପରେ କରାଯିବ । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବେ ସେମାନେ ସାଧା କାଗଜରେ ନିଜର ସଂପୂର୍ଣ୍ଣ ବିବରଣୀ ସହିତ ଧାର୍ଯ୍ୟ ମୂଲ୍ୟ ଉପରେ କେତେ ଟଙ୍କାରେ ଦୋକାନ ନେବାକୁ ଇଚ୍ଛୁକ (ଉଭୟ ଅଙ୍କରେ ଓ ଅକ୍ଷରରେ ଲେଖିବେ) ଓ ମୁଦା ଲଫାପାରେ ଦାଖଲ କରିବାକୁ ଜଣାଇଦିଆଗଲା ।

| କ୍ର. ନଂ | ଦୋକାନ ଗୃହର ଅବସ୍ଥିତି | ଦୋକାନ ଗୃହର ଆକାର | ଧାର୍ଯ୍ୟ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ୫୦% | ଦୋକାନ ଗୃହର ମାସିକ ଭଡା | ଦୋକାନ ନମ୍ବର |
|---|---|---|---|---|---|---|
| ୧ | ବ୍ଲକଛକ, ବ୍ଲକ କଲୋନି ପାର୍ଶ୍ୱ ଦୋକାନ | ୧୨' X ୧୪' (୧ ଗୋଟି) | ୧,୮୦,୦୦୦/- | ୯୦,୦୦୦/- | ୧୮୦୦/- | ୬ |
| ୨ | ବ୍ଲକଛକ, ବ୍ଲକ କଲୋନି ପାର୍ଶ୍ୱ ଦୋକାନ | ୧୨' X ୧୦' (୨ ଗୋଟି) | ୧,୨୦,୦୦୦/- | ୬୦,୦୦୦/- | ୧୨୦୦/- | ୭, ୮ |

**ସର୍ତ୍ତାବଳୀ**

୧. ପୂର୍ବ ବର୍ଷରୁ ବକେୟା ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ ।
୨. ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।
୩. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଟେଣ୍ଡର ସିଦ୍ଧ ହେବ, ସେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ୭ଦିନ ଭିତରେ କାର୍ଯ୍ୟାଳୟରେ ଜମା କରି ଚୁକ୍ତିନାମା ସାକ୍ଷର କରିବେ । ନଚେତ୍ ତାଙ୍କର ଆମାନତ ରାଶି ଟଙ୍କା ବ୍ୟାଜିପ୍ତି କରାଯାଇ ପରବର୍ତ୍ତି ସର୍ବୋଚ୍ଚ ନିଲାମଧାରି ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ । ନଚେତ ଉକ୍ତ ଦୋକାନର ପୁନର୍ବାର ନିଲାମ ଟେଣ୍ଡର କରାଯିବ ।
୪. ନିମ୍ନସାକ୍ଷାରକାରୀ ଯେ କୌଣସି ନିଲାମ ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।
୫. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ନିଲାମ ଟେଣ୍ଡର ରେ ଅଂଶ ଗ୍ରହଣ କରି ପାରିବେ ।
୬. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇ ପାରିବେ ।
୭. ଟେଣ୍ଡରଧାରି ଯଦି ଟେଣ୍ଡର ପାଇବେ ନାହିଁ ତାହେଲେ ତାଙ୍କର ଅମାନତରାଶି ପ୍ରଥମ ସର୍ବୋଚ୍ଚ ଟେଣ୍ଡର ଧାରୀଙ୍କ ଚୁକ୍ତିନାମା ସାକ୍ଷର ହେଲାପରେ ବିନା ସୁଧରେ ଫେରସ୍ତ ପାଇବେ ।
୮. କାର୍ଯ୍ୟ ନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି ।
୯. ଟେଣ୍ଡର ସଂକ୍ରାନ୍ତିୟ ବିଶଦ ବିବରଣୀ ପାଇଁ ଶ୍ରୀ ବୃନ୍ଦାବନ ରାଉତରାୟ, ଭାରପ୍ରାପ୍ତ ମୁଖ୍ୟ ସହାୟକ, ସୁବର୍ଣ୍ଣପୁର ପୌରପାଳିକା ସହିତ ଯୋଗାଯୋଗ କରନ୍ତୁ ।

12/03/2020

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।

ପରିପତ୍ରାଙ୍କ 850 ତାରିଖ 12-3-2020

ଏହାର ଏକକିତା ଅବିକଲ ନକଲ **ସଂପାଦକ, ସମ୍ବାଦ/ପ୍ରମେୟ** ସମ୍ବାଦପତ୍ର ରେ ଗୋଟିଏ ଦିନ ପ୍ରକାଶ କରିବାକୁ ଅନୁରୋଧ କରାଗଲା।

12/03/2020

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।

ପରିପତ୍ରାଙ୍କ 851 ତାରିଖ 12-3-2020

ଏହାର ଏକକିତା ଅବିକଲ ନକଲ ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ ଉପ-ଜିଲ୍ଲାପାଳ, ସୋନପୁର/ ତହସିଲଦାର, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

12/03/2020

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।

ପରିପତ୍ରାଙ୍କ 852 ତାରିଖ 12-3-2020

ଏହାର ଏକକିତା ଅବିକଲ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

12/03/2020

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।

ପରିପତ୍ରାଙ୍କ 853 ତାରିଖ 12-3-2020

ଏହାର ଏକକିତା ଅବିକଲ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

12/03/2020

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।